## ୪ ବଖରା ଜଳିଗଲା

ରୂପସା,(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମରେ ଅଗ୍ନିକାଣ୍ଡ ଘଟି କିରଣ କୁମାର ଗିରିଙ୍କ ୪ ବଖରା ବାସଗୃହ ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘରର ସମସ୍ତ ଆସବାବପତ୍ର, ଧାନଚାଉଳ, ଲୁଗାପଟା, ବାସନକୁସନ ସବୁ ଜଳି ପାଉଁଶ ହୋଇଯାଇଛି। ବସ୍ତା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ଶନିବାର ଅଗ୍ନିପିଡ଼ିତ ପରିବାରଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ସରକାରୀ ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବାଲିଘାଟକୁ ନେଇ ବିଗୁଡ଼ୁଛି ଆଇନଶୃଙ୍ଖଳା

**ଭଦ୍ରକ ଅଫିସ, ୧୧।୪**

ଭଦ୍ରକ ଜିଲାରେ ବାଲିଘାଟ ନିଲାମକୁ କେନ୍ଦ୍ରକରି ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଅନେକ ସ୍ଥାନରେ ଗ୍ରାମ୍ୟ ବିବାଦ ଦେଖା ଦେଇଥିବାବେଳେ କେତେକ ଜାଗାରେ ଲୋକଙ୍କ ମାଡ଼ରେ ପୋଲିସ ଲହୁଲୁହାଣ ହୋଇଥିବା ନଜିର ରହିଛି। ଗତ କିଛିଦିନ ହେବ ବନ୍ତ ତହସିଲ ଅଧୀନରେ ବାଲିଘାଟ ନିଲାମକୁ କେନ୍ଦ୍ରକରି ବିବାଦ ମୁଣ୍ଡ ଟେକିଛି। ପ୍ରଶାସନ ଦ୍ୱାରା କେତେକ ନୂତନ ବାଲିଘାଟ ନିଲାମକୁ ବିରୋଧ କରି ବିରୋଧାଭାଷ ଓ ଗଣଧାରଣା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ପ୍ରଶାସନ ସବୁ କିଛି ଠିକ୍ ଥିବା କହି ଚୁପ୍ ବସିଥିବା ଲୋକେ ଅଭିଯୋଗ କରୁଛନ୍ତି।

ସୂଚନା ଅନୁଯାୟୀ, ଜିଲା ସର୍ଭେ ରିପୋର୍ଟରେ ପୂର୍ବରୁ ୨୦ଟି ବାଲିଘାଟ ନିଲାମ ଦିଆଯାଇଥିଲା। ନୂଆ କରି ଭଣ୍ଡାରିପୋଖରୀରେ ୩ ଓ ବନ୍ତ ତହସିଲରେ ୬ ବାଲିଘାଟ ନିଲାମ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ନୂତନ ବାଲିଘାଟ ନିକଟରେ ରହୁଥିବା ଅଧିବାସୀମାନେ ଗତ ଜାନୁୟାରୀରୁ ନିଲାମକୁ ବିରୋଧ କରି ଆସୁଥିଲେ। ଏହାକୁ କେନ୍ଦ୍ରକରି ଉକ୍ତ ଗାଁଗୁଡ଼ିକରେ ବିବାଦ ଦେଖାଦେଇଛି। ବନ୍ତ ତହସିଲର ମହାନ୍ତିପଡ଼ା ନିକଟ ମୋରମ ଉତ୍ତୋଳନକୁ ନେଇ ମଧ୍ୟ ପ୍ରଶାସନକୁ ଅନ୍ଧାରରେ ରଖାଯାଇ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ରାଜସ୍ୱ ଲୁଟି ଚାଲିଛନ୍ତି। ସରକାରୀ ନିୟମ ମୁତାବକ ଲିଜ୍‌ଧାରୀମାନେ ବାଲି ଉତ୍ତୋଳନ କରିବା ପରିବର୍ତ୍ତେ ନିଜସ୍ୱ ଇଚ୍ଛାରେ ଜେସିବିରେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ନଈକୂଳିଆ ଗାଁ ପ୍ରତି ବିପଦ ସୃଷ୍ଟି ହେଉଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରୁଛନ୍ତି। କାଣ୍ଡବାଠାରେ ଭଦ୍ରକ ଓ ବାଲେଶ୍ୱରକୁ ସଂଯୋଗ କରୁଥିବା ଏକମାତ୍ର ବ୍ରିଜ୍‌ର ସ୍ଥାୟିତ୍ୱକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି।



ନଦୀ ଭିତରୁ ଜେସିବି ସାହାଯ୍ୟରେ ବାଲି ଲୋଡ୍ କରାଯାଉଛି।

ପ୍ରକାଶ ଥାଉକି, ୨୦୧୬ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନରେ ବ୍ରିଜ୍‌ର ୨୦୦ରୁ ୫୦୦ ମିଟର ମଧ୍ୟରେ କୌଣସି ପ୍ରକାର ଖନନ କାର୍ଯ୍ୟ କରାଯାଇପାରିବ ନାହିଁ। ଏହି ନିୟମ ଉଲ୍ଲଂଘନ କରି ଏଠାରେ ବ୍ରିଜ୍ ନିକଟରେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ହରିପୁର ବାଲିଘାଟ ନିକଟରେ ନଦୀ ଲୋକଙ୍କ ବ୍ୟକ୍ତିଗତ ଜମିରେ ମାଡ଼ିଯାଇ ଆଗରପଡ଼ା ଗୋପୀନାଥପୁର

- ନିଲାମକୁ ସ୍ଥାନୀୟ ଲୋକଙ୍କ ବିରୋଧ
- ବାଲି ଉତ୍ତୋଳନ ଯୋଗୁ ନଈକୂଳିଆ ଗାଁ ପ୍ରତି ବିପଦ

ମୁଖ୍ୟ ପିଚୁ ରାସ୍ତା ଖାଇ ଖାଇ ଚାଲିଛି। ସେଠାରେ ପରିବେଶ ସୁରକ୍ଷାକୁ ଧ୍ୟାନ ନ ଦେଇ ବାଲିଘାଟ ନିଲାମ ଦିଆଯିବାକୁ ବିରୋଧ କରିଛନ୍ତି ସ୍ଥାନୀୟ ମହିଳା। ପରିବେଶ ୱେବସାଇଟ୍‌ରେ ବାଲିଘାଟ ପାଇଁ ପରିବେଶ ଅନୁମତି ବିଚାରାଧୀନ ଥିବାବେଳେ କିପରି ଏହାକୁ ନିଲାମ ଦିଆଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ପଚାରିବାରୁ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ବେଆଇନ ବାଲି ଓ ମୋରମ ଉତ୍ତୋଳନ ହେଉଥିବା ଜଣାପଡ଼ିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆମ୍ବୁଲାନ୍ସ ଭଡାକୁ କେନ୍ଦ୍ର କରି ଗଣ୍ଡଗୋଳ

**ସଜନାଗଡ଼, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ମେଡ଼ିକାଲ ପରିସରରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ରୋଗୀଙ୍କୁ ଭଡା ନେବାକୁ କେନ୍ଦ୍ର କରି ଦୁଇ ଆମ୍ବୁଲାନ୍ସ କର୍ମଚାରୀଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଆକ୍ରମଣ ପ୍ରତିଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି।

ମେଡ଼ିକାଲରେ ଆଡମିଶନ ହୋଇଥିବା ଜଣେ ରୋଗୀ ରବିବାର ପୂର୍ବାହ୍ନରେ ଡିସଚାର୍ଜ ହୋଇ ନିଜ ଘରକୁ ଯିବା ଲାଗି ପ୍ରସ୍ତୁତ ହେଉଥିଲେ। ମେଡ଼ିକାଲ ସମ୍ମୁଖରେ ଥିବା ଜଣେ ଆମ୍ବୁଲାନ୍ସ ଡ୍ରାଇଭର ରୋଗୀଙ୍କ ସମ୍ପର୍କୀୟଙ୍କୁ ୩ଶହ ଟଙ୍କାରେ ଭଡ଼ା ନେବ କହି ଆମ୍ବୁଲାନ୍ସ ଲଗାଇଥିଲେ। ଏତିକି ବେଳେ ଅନ୍ୟ ଏକ ଆମ୍ବୁଲାନ୍ସ ମାଲିକ ସେଠାରେ ପହଞ୍ଚି ୨ଶହ ଟଙ୍କା ଭଡ଼ା ନେବେ ବୋଲି କହିଥିଲେ। ଏହି ବିଷୟକୁ ନେଇ ମେଡ଼ିକାଲ ପରିସର ରଣକ୍ଷେତ୍ର ପାଲଟିଯାଇଥିଲା। ଏନେଇ ଉଭୟପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ସଂକ୍ଷେପରେ

### ଲୁହାପଥର ବୋଝେଇ ଡମ୍ପର ଜବତ

**ରାଇରଙ୍ଗପୁର,୧୧।୪(ଡି.ନ.ଏ):** ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଶୁଣ୍ଢଲଗ୍ରାମ ନିକଟସ୍ଥ ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାରୁ ରବିବାର ସକାଳେ ପୋଲିସ ଏକ ଲୁହାପଥର ବୋଝେଇ ଡମ୍ପର ଜବତ ସହ ଏହାର ଚାଳକଙ୍କୁ ଗିରଫ କରିଛି । ଗିରଫ ଚାଳକ ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଥାନା ଅଞ୍ଚଳର କାର୍ତ୍ତିକ ସର୍ଦ୍ଦାର ବୋଲି ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫/୨୧) ରୁଜୁ ହୋଇଛି। ଏହି ଲୁହାପଥର ଝାଡ଼ଖଣ୍ଡର ଟାଟାନଗର ଅଞ୍ଚଳକୁ ଚୋରାଚାଲାଣ ହେଉଥିଲା ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

### ନଗର କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ,୧୧।୪:** ଭଦ୍ରକ ନଗର କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହେବା ସହ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ଅନୁମୋଦିତ ତାଲିକାକୁ ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ଘୋଷଣା କରିଥିଲେ। ନଗର କଂଗ୍ରେସ ସଭାପତି ଭାବେ ଅବଦୁଲ ମୁକିତ୍ ଖାଁଙ୍କ ମନୋନୀତ କରାଯାଇଥିବା ବେଳେ ୬୦ ଜଣିଆ କମିଟି ଘୋଷଣା ହୋଇଥିଲା। ଏଥିରେ ୧୧ ଉପସଭାପତି, ଜଣେ କୋଷାଧ୍ୟକ୍ଷ, ୧୨ ଜଣ ସାଧାରଣ ସମ୍ପାଦକ, ୨୧ ସମ୍ପାଦକ ରହିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୧୫ ଜଣ ରହିଛନ୍ତି। ଏହି ଅବସରରେ ରବିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ କଂଗ୍ରେସ ଜିଲା କାର୍ଯ୍ୟାଳୟରେ ସଭାପତି ସୁବ୍ରତ ଦାସଙ୍କ ସହ ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ମହାନ୍ତି, ଦିଲୀପ କୁମାର ନାୟକ, ଅସ୍‌ରଫ୍ ଅଲୀ ଖାଁ ପ୍ରମୁଖ ସ୍ୱାଗତ କରିଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନେ ୱାର୍ଡ଼ ସ୍ତରରୁ ସାଙ୍ଗଠନିକ ଶକ୍ତି ବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରି ଆଗାମୀ ପୌର ନିର୍ବାଚନକୁ ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ଜିଲା ସଭାପତି ପରାମର୍ଶ ଦେଇଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**ହାଟଡିହି,୧୧।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହି ବ୍ଲକ ଆମ୍ବୋ ବାଲି ଘାଟକୁ ଯାଇଥିବା ରାସ୍ତାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକ ହେଲେ ସୟଦ ସାହାଜନ। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ପଧାନପଡା ଗ୍ରାମରେ। ସୟଦ ଆମ୍ବୋ ବାଲି ଘାଟକୁ ରବିବାର ବାଲି ଆଣିବାକୁ ଯାଇଥିଲେ । ରାସ୍ତାରେ ଗାଡି ରଖି ତଳେ ଛିଡା ହୋଇଥିଲେ । ସେହି ସମୟ ରେ ଅନ୍ୟ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନନ୍ଦିପଦା ପୋଲିସ ଦୁର୍ଘଟଣା ଘଟାଇ ଥିବା ଗାଡିକୁ ଜବତ କରି ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି ।

## କାମିନୀଙ୍କୁ ବରଣମାଳା ଦେଲେ ଚନ୍ଦନେଶ୍ୱର

**ଭୋଗରାଇ,୧୧।୪(ଡି.ଏନ.ଏ.)**

ଉତ୍ସାହ ଓ ଉଦ୍ଦୀପଦା ମଧ୍ୟରେ ଚନ୍ଦନେଶ୍ୱର ମହାଦେବ ରବିବାର ନିଶିବାସନରେ ଭଞ୍ଜପୁର ଗ୍ରାମର ମାଳାକାର ଘରେ ଜନ୍ମିତ ସୁନ୍ଦରୀ ଅସୁରୁଣୀ କାମିନୀଙ୍କୁ ବରଣମାଳା ପିନ୍ଧାଇଛନ୍ତି। ପ୍ରତ୍ୟୁଷରୁ ଟ୍ରଷ୍ଟବୋର୍ଡ଼ ସଦସ୍ୟ, ସେବାୟତ, ପୂଜକ, ଉପବୀତଧାରୀ ଭକ୍ତି, ଜନପ୍ରତିନିଧି, ପ୍ରଶାସନ ଶୋଭାଯାତ୍ରାରେ ବାହାରି ରୋଷଣୀ କରି ସାହାନାଇ ବାଦ୍ୟର ତାଳେ ତାଳେ ବରକନ୍ୟାଙ୍କୁ ମୁଣ୍ଡରେ ଧରି ମନ୍ଦିର ବିଜେ କରିଛନ୍ତି। ପୁଷ୍ପ ଶୋଭିତ ବରକନ୍ୟାଙ୍କୁ ମନ୍ଦିର ଗର୍ଭଗୃହରେ ପୂଜକ ଓ ସେବାୟତଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ବିବାହ ସମ୍ପନ୍ନ କରାଯାଇଛି। ଓଡ଼ିଆ ସଂସ୍କୃତିଆଧାରରେ କାମିନୀ ବିବାହ ସମ୍ପନ୍ନ ପରେ ଗର୍ଭଗୃହ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା। ୧୪ ଶୈବଭକ୍ତ ତୃତୀୟ ଅର୍ଘ୍ୟଦାନ ବେଳେ ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତାଙ୍କ ଗର୍ଭଗୃହ ଖୋଲାଯାଇ ନ ଥିଲା।

କିମ୍ବଦନ୍ତୀ ଅନୁଯାୟୀ ସ୍ୱର୍ଗପୁରୀରେ ଭୋଳାନାଥଙ୍କୁ ପତି ରୂପେ ଗ୍ରହଣ ପାଇଁ ଅସୁରକୂଳରେ ଜନ୍ମିତ ସୁନ୍ଦରୀ ଅସୁରୁଣୀ କାମିନି କଠୋର ତପସ୍ୟା



ପୁଷ୍ପଶୋଭିତ ବରକନ୍ୟା ଘଟକୁ ଶୋଭାଯାତ୍ରାରେ ନେଉଛନ୍ତି ଶ୍ରଦ୍ଧାଳୁ।

**ଆଜି ମହାନୀଳ**

କରିଥିଲେ। କାମିନୀଙ୍କ ଆକର୍ଷଣ ଓ ତପସ୍ୟାରେ ମୁଗ୍ଧ ହୋଇ ଭୋଳାନାଥ ମର୍ତ୍ତ୍ୟପୁରି ଭଞ୍ଜପୁର ମାଳାକାର ଘରେ ଜନ୍ମ ନେଲେ। ତାଙ୍କୁ ପତ୍ନୀ ରୂପେ ଗ୍ରହଣ କରିବେ ବୋଲି ବରଦାନ କରିଥିବା କଥିତ ରହିଛି। ହିନ୍ଦୁ ବିବାହ ଚୈତ୍ର ମାସରେ ହେଉ ନ ଥିବା ବେଳେ ଚନ୍ଦନେଶ୍ୱର ମହାଦେବଙ୍କ ଏହି ମାସରେ ବିବାହ ରୋଚକ କିମ୍ବଦନ୍ତୀ ରହିଛି। ମହାଦେବଙ୍କୁ ଏହି ସମୟରେ ଆରାଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଇଥାଏ। ସୋମବାର ମହାନୀଳ ହେଉଥିବାରୁ କୋଭିଡ୍ କଟକଣା ଭକ୍ତଙ୍କୁ ନିରାଶ କରିଛି। ଶ୍ରଦ୍ଧାଳୁଙ୍କୁ ଚନ୍ଦନେଶ୍ୱର ମନ୍ଦିର ପ୍ରବେଶକୁ ବାରଣ କରାଯାଇଛି। ପ୍ରଶାସନ ଟ୍ରଷ୍ଟବୋର୍ଡ଼ ସେବାୟତ ପୂଜକକଟକଣା ମଧ୍ୟରେ ଶ୍ରୀଶ୍ରୀ ଜୀଉଙ୍କ କୌଳିକ ନୀତିକାନ୍ତି ପୂଜାର୍ଚ୍ଚନା କରୁଛନ୍ତି। ସୋମବାର ଅପରାହ୍ନରେ ମହାଦେବଙ୍କ ନୀଳ ପୋଖରୀରୁ ସୀମିତ ଭକ୍ତଙ୍କ ମାଧ୍ୟମରେ ଦୁଇଟି ଥୁମ୍ବିକାଠ ଉତ୍ତୋଳନ ସହ ନୀଳ ଉତ୍ସବ ପାଳନ ହେବ।

## ଜଳିଗଲା ୩ ଦୋକାନ

**ବଡବିଲ, ୧୧।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ବଜାର ମଧୁସୂଦନ ଛକ ନିକଟରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ୩ ଟି ଦୋକାନ ଘର ପୋଡିଜଳି ପାଉଁଶ ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରବିବାର ସକାଳୁ ମଧୁସୂଦନ ଛକ ନିକଟସ୍ଥ ଏକ ଫୁଲ ଦୋକାନ, ସାଇକେଲ ରିପ୍ୟାରିଂ ଦୋକାନ ଓ ଏକ ଟାୟାର ରିପ୍ୟାରିଂ ଦୋକାନରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ସେହି ଦୋକାନ ନିକଟବର୍ତ୍ତି ବସ୍ତି ଓ ଅନ୍ୟାନ୍ୟ ଦୋକାନ ଗୁଡ଼ିକ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି। ତେବେ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟକୁ କୌଣସି ଭାରିଯାନ ଧକ୍କା ଦେବା ଯୋଗୁଁ ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି।

## ଅପରିଷ୍କାର ସ୍ଥାନରେ ଫାଷ୍ଟଫୁଡ୍ ଦୋକାନ

**କେନ୍ଦୁଝର, ୧୧।୪ (ଡି.ଏନ୍.ଏ.)**

କେନ୍ଦୁଝର ସହରର ମୁଖ୍ୟ ବଜାର ସମେତ ଅନ୍ୟ ବଜାର,ବସଷ୍ଟାଣ୍ଡ, ରାସ୍ତାକଡରେ ଫାଷ୍ଟଫୁଡର ଷ୍ଟଲ୍, ଦୋକାନ ଦେଖିବାକୁ ମିଳୁଛି। ସନ୍ଧ୍ୟା ସମୟରେ ସେହି ଷ୍ଟଲ ନିକଟରେ ଗ୍ରାହକଙ୍କ ଭିଡ ମଧ୍ୟ ଜମୁଛି। କେତେକ ଷ୍ଟଲ ସକାଳେ ଓ ସନ୍ଧ୍ୟାରେ ଖୋଲୁଛି ଆଉ କେତେକ ଦିନବେଳେ ବି ଖୋଲା ରହୁଛି। ଚଟ୍‌ପଟି,ପାଟି ରୁଚିକର ଖାଦ୍ୟର ବର୍ତ୍ତମାନ ଚାହିଦା ଯେପରି ରହୁଛି ସେହି ଅନୁପାତରେ ଷ୍ଟଲଗୁଡିକ ଖୋଲୁଛି। କିନ୍ତୁ ଏଠାରେ ଦିଆଯାଉଥିବା ଫାଷ୍ଟଫୁଡର ମାନ ପରିଷ୍କାର ପରିଚ୍ଛନ୍ନତା, ପରିବେଶ ଆଦି ସମ୍ପର୍କରେ ଉଭୟ ଦୋକାନୀ ଓ ଗ୍ରାହକ ସଚେତନ ନାହାନ୍ତି।

ସ୍ଥାନୀୟବାସୀଙ୍କ ଅଭିଯୋଗ ଅନୁଯାୟୀ, ଖାଦ୍ୟର ମାନ, ପାଣିର ଶୁଦ୍ଧତା ଓ ତିଆରି କରୁଥିବା ଲୋକର ପରିଚ୍ଛନ୍ନତା ଉପରେ ନଜର କରିବାକୁ

**ଖାଦ୍ୟ ମାନ ଯାଞ୍ଚ ପାଇଁ ଦାବି**

ଉଭୟଙ୍କ ପାଖରେ ସମୟ ନାହିଁ। ଫାଷ୍ଟଫୁଡ ଦୋକାନଗୁଡିକ ରାସ୍ତା କଡରେ ବସିଯାଉଥିବା ଦେଖାଯାଉଛି। ପାଖରେ ଥିବା ନାଳନର୍ଦ୍ଦମା, ଅଳିଆ ଆବର୍ଜନାର ପାହାଡକୁ ନଜର ପକାଉନାହାନ୍ତି। କେବଳ ଫାଷ୍ଟଫୁଡ ଦୋକାନ ନୁହେଁ ଅନେକ ହୋଟେଲ ମଧ୍ୟ ନର୍ଦ୍ଦମା କଡରେ ରହିଛି। ଯେଉଁଠାରୁ ସବୁବେଳେ ପଚା, ଦୁର୍ଗନ୍ଧ ବାହାରୁଛି। ଲୋକମାନେ ମଧ୍ୟ ସେଇଠି ପହଞ୍ଚି ଖାଇବାରେ ଲାଗିଛନ୍ତି। ଖାଦ୍ୟର ମାନ ଓ ଶୁଦ୍ଧତା ଉପରେ ଯାଞ୍ଚ କରାଯାଉ ନଥିବାରୁ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନୀ ସଚେତନ ହେଉନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ଓ ପୋଲିସ ପକ୍ଷରୁ ଚଢାଉ କରି ଖାଦ୍ୟର ମାନ ଓ ଶୁଦ୍ଧତା ଯାଞ୍ଚ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

## ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସାମ୍ବିଧାନିକ ସମ୍ମିଳନୀ

**କେନ୍ଦୁଝର, ୧୧।୪(ଡି.ଏନ୍.ଏ.)**

ସ୍ଥାନୀୟ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟଠାରେ କେନ୍ଦୁଝର ଜିଲା ସଦର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ତଥା ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ଓଷ୍ଟାର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ରାଜ୍ୟ ଓଷ୍ଟାର ସମ୍ପାଦକ କାହ୍ନୁଚରଣ ସାମଲ, ଜିଲା ଓଷ୍ଟାର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ଦେଓ, ପାଟଣା ବ୍ଲକର ନବନିର୍ବାଚିତ ସଭାପତି ସୁଧାକର ପଣ୍ଡା ପ୍ରମୁଖ ଅତିଥିମାନେ ଯୋଗଦେଇ ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାୟତନର ସମସ୍ୟା ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଶିକ୍ଷାର ବିକାଶ ଦିଗରେ ସଂଘର କାର୍ଯ୍ୟାବଳୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପରିଶେଷରେ ଆଗାମୀ ୩ବର୍ଷ ଲାଗି ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ଲକ୍ଷ୍ମଣ ସାହୁ,ଉପସଭାପତି ଭାବେ ପ୍ରଦୀପ କୁମାର ବାରିକ,ଅହଲ୍ୟା ମହାନ୍ତ, ସମ୍ପାଦକ ଭାବେ ବସନ୍ତ କୁମାର କର, ଯୁଗ୍ମ ସମ୍ପାଦକ ଭାବେ ଲାଲମୋହନ ମହାନ୍ତ, ଅନନ୍ତ ଚରଣ ମହାନ୍ତ ଓ ସସ୍ମିତା ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଥିଲେ।

## ଲୋକାର୍ପଣ ହେଲା 'ସଂସ୍କୃତିଭବନମ୍'

**ଜଳେଶ୍ୱର, ୧୧।୪(ଡି.ଏନ.ଏ.)**

**ସର୍ବପୁରାତନ ସଂସ୍କୃତ ମହାବିଦ୍ୟାଳୟକୁ ପ୍ରଥମ ଅନୁଦାନ**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ଶାଳିକୋଠାଠାରେ ୧୧୧ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିବା ସଂସ୍କୃତ ମହାବିଦ୍ୟାଳୟକୁ ଅଦ୍ୟାବଧି ସରକାରୀ ଅନୁଦାନ ମିଳି ନ ଥିଲା । ନିକଟରେ ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ମିଳିଥିବା ୨୦ଲକ୍ଷ ଆର୍ଥିକ ଅନୁଦାନ ଓ କଲେଜ ପକ୍ଷରୁ ୮ଲକ୍ଷ ଟଙ୍କା ମୂଲ୍ୟରେ ନିର୍ମିତ 'ସଂସ୍କୃତିଭବନମ୍'କୁ ରବିବାର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପଣ କରିଛନ୍ତି। ୧୯୧୦ରେ ପୁରୀର ୩ ପ୍ରଖ୍ୟାତ ପଣ୍ଡିତ ଶାଳିକୋଠା ଗାଁକୁ ଆସି ପ୍ରତିଷ୍ଠା କରିଥିଲେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରୁ ଜଗନ୍ନାଥ ବିଶ୍ୱବିଦ୍ୟାଳୟ କୁଳପତି ଡ. ନୀଳକଣ୍ଠ ପତି, ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଅତୁଲ କୁମାର ନନ୍ଦ ପ୍ରମୁଖ ଶତାଧିକ କୃତିତ୍ୱର ସହ ଦେଶର ବିଭିନ୍ନ ସ୍ଥାନର ବଡ ପଦବୀ ମଣ୍ଡନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରି ସୂଚନା ଦେଇଥିଲେ । ବିଧାୟକ ପାତ୍ର ଶିକ୍ଷାନୁଷ୍ଠାନଗୁଡିକ ଶିକ୍ଷା ସହ ସୁସ୍ଥ ସମାଜ ଗଠନ ଲାଗି ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ତଥା କଥାକାର ଚିନ୍ମୟ ଦାସ ସର୍ବପୁରାତନ ଅନୁଷ୍ଠାନକୁ ସହାୟତା ଲାଗି ସାଧୁବାଦ ଜଣାଇଥିଲେ। ଶରତ ପଣ୍ଡା, ଜିଲାପରିଷଦ ସଦସ୍ୟ ଗୌରହରୀ ଜେନା, ଜ୍ଞାନବିକାଶର ନିର୍ଦ୍ଦେଶକ ଲେଲିନ୍ ପ୍ରଧାନ, ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ସ୍ୱାଗତ ଓ ଅଭିନନ୍ଦନିକା ପାଠ କରିଥିଲେ। ଗୌରହରୀ ଜେନା, କାର୍ତ୍ତିକ ଚନ୍ଦ୍ର ମୁର୍ମୁ, ଅଶୋକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରୟୋମାସିକ ପତ୍ରିକା 'ସୁଶ୍ରୀ' ଉନ୍ମୋଚନ କରାଯାଇଥିଲା। ପ୍ରମୋଦ ପଣ୍ଡା ଓ ମହେଶ ପ୍ରଧାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ବାର୍ଷିକ ସମ୍ମିଳନୀରେ ବରିଷ୍ଠଙ୍କୁ ସମ୍ବର୍ଦ୍ଧନା

**ସିମୁଳିଆ, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବ୍ଲକ ସ୍ତରୀୟ ବାର୍ଷିକ ସମ୍ମିଳନୀ ଶନିବାର ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଚତୁର୍ଭୁଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବରିଷ୍ଠମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପକ୍ଷରୁ ଅସହାୟ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ଯୋଗାଇ ଦିଆଯାଇଥିବା ୨୦ଏକର ବିଶିଷ୍ଟ ଜମିରେ ବୃଦ୍ଧାଶ୍ରମ ନିର୍ମାଣ କାର୍ଯ୍ୟ ଆରମ୍ଭ ସମ୍ପର୍କରେ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ସୂଚନା ଦେଇଥିଲେ। ସେହିପରି ଜିଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ ବୟସ୍କମାନଙ୍କ ନିମିତ୍ତ ଭତ୍ତା ବୃଦ୍ଧି, ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ଆଇକାର୍ଡ ପ୍ରଦାନ ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସିମୁଳିଆ ତହସିଲଦାର ରବିନାରାୟଣ ସାହୁ ବରିଷ୍ଠମାନେ ଚିରନମସ୍ୟ, ତେଣୁ ସିମୁଳିଆରେ ବରିଷ୍ଠ ନାଗରିକମାନଙ୍କ ଲାଗି ଏକ ଗୃହ ନିର୍ମାଣ ଲାଗି ଜମି ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସିମୁଳିଆ ମେଡିକାଲର ଡାକ୍ତର ସୋନାଲି ପତି ବରିଷ୍ଠମାନଙ୍କୁ ମେଡିକାଲରେ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବ୍ୟାଙ୍କ ଓ ମେଡିକାଲରେ ବରିଷ୍ଠମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବା ପାଇଁ ଚତୁର୍ଭୁଜ ପାଣିଗ୍ରାହୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବରିଷ୍ଠ ନାଗରିକ ପଦ୍ମଲୋଚନ ସାହୁ, ନାରାୟଣ ମଲିକ, ହରିନାରାୟଣ ପଣ୍ଡା, ସୁରେନ୍ଦ୍ର ସେନାପତି, ଗଣନାଥ ସାହୁ ଓ ଶିବପ୍ରସାଦ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା । ସାଧାରଣ ସମ୍ପାଦକ ମହେନ୍ଦ୍ର ନାଥ ମହାପାତ୍ର ସ୍ୱାଗତ ସଙ୍ଗୀତ ଓ ବାର୍ଷିକ ବିବରଣୀ ପାଠ ଓ ନିଶାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

## ଦୁର୍ଦ୍ଦିନରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୧୧।୪**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଶାରୀଗୁଆ ପାହାଡ ତଳେ ଥିବା ଗଗୁଆ ଗ୍ରାମରେ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିବା ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରଙ୍କ ଉପରେ ପ୍ରଶାସନର ଶୁଭ ଦୃଷ୍ଟି ପଡୁନି। ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମର କଳାକୃଷ୍ଣ ନାଇକ, ସରସ୍ୱତୀ ପାତ୍ର, ସବିତା ମହାନ୍ତି, ବାସନ୍ତୀ ହାଁସଦା, କରୁଣା ହେମ୍ବ୍ରମ୍, ପରବାସୀ ପାତ୍ର, କନକ ନାଇକ, ଅନୁସୁୟା ପାତ୍ର, ନନ୍ଦିନୀ ପାତ୍ର ପ୍ରମୁଖ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି ।

ଲୋକଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମକୁ ବିଦ୍ୟୁତୀକରଣ କରିବାକୁ ବହୁ ଦାବି ପରେ ସୌଭାଗ୍ୟ ଯୋଜନାରେ ଖୁଣ୍ଟ ପ୍ରଦାନ କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ତାର ଟଣାଯାଉ ନ ଥିବାରୁ ଗ୍ରାମବାସୀ ଠିକ୍ ଭାବେ ବିଦ୍ୟୁତ ଆଲୋକ ପାଇ ପାରୁନାହାନ୍ତି। ସମସ୍ତେ ନିକଟରେ ଅର୍ଥ ଆଦାୟ କରି ଅଧା କି.ମି. ଦୂରତାରେ ଥିବା ପାଖଗ୍ରାମରୁ ଗଛରେ ତାରବାନ୍ଧି



୩୦ବର୍ଷ ଧରି ଆଲୋକରୁ ବଞ୍ଚିତ ଥିବା ଗୁଆପାଳ ଗ୍ରାମବାସୀ।

**ପ୍ରଶାସନର ଦୃଷ୍ଟି ପଡୁନି**

ଗ୍ରାମକୁ ବିଦ୍ୟୁତ ଆଣି ସେମାନଙ୍କ ସ୍ୱପ୍ନକୁ ଯେକୌଣସି ପ୍ରକାରେ ପୂରଣ କରିଛନ୍ତି। ସେହିଭଳି ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବାସିନ୍ଦାମାନେ ଏଠାରେ ପରିବାର ସହିତ ରହୁଥିବା ବେଳେ ପଟ୍ଟା ପାଇଁ ତହସିଲରେ ଆବେଦନ କରିଆସୁଛନ୍ତି। ହେଲେ ବିଭିନ୍ନ ଆଳରେ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଫଳରେ ପକ୍କା ଘର ନିର୍ମାଣ କରିବା ଇଚ୍ଛା ଫଳବତୀ ହୋଇପାରୁନାହିଁ। ୧୦ରୁ ଅଧିକ ପରିବାର ଲୋକଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁରୀ ମିଳିଥିଲେ ହେଁ ଜାଗା ଅଭାବରୁ ଘର ଫେରିଯାଉଛି। ଏହା ମାନସିକ ସ୍ତରରେ ଯନ୍ତ୍ରଣା ଦେଉଛି ବୋଲି ଗ୍ରାମର ସୁକାନ୍ତି ନାଇକ, ଜୟନ୍ତୀ ବିନ୍ଧାଣି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ନେସ୍କୋ ସହକାରୀ ଯନ୍ତ୍ରୀ ମୀନକେତନ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯିବାରୁ ସୌଭାଗ୍ୟ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ସଂଯୋଗୀକରଣ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି। ପଟ୍ଟା ସମ୍ପର୍କରେ ତହସିଲଦାର ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ପଟ୍ଟା ପ୍ରସ୍ତୁତି ଉପଜିଲାପାଳଙ୍କ ଦ୍ୱାରା ହେବ ଏବଂ ଅନେକ ସରକାରୀ ବିଧି ବ୍ୟବସ୍ଥା ଥିବାରୁ ସମୟ ଲାଗିବ ବୋଲି କହିଛନ୍ତି।

### ଜମି କିଣାବିକାରେ ଠକେଇ: ଠକ ଗିରଫ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉଦଳା ଥାନା ଅଧୀନ କୁକୁଡ଼ାଖାଇ ଗ୍ରାମର ରଞ୍ଜନ ସାହୁ। ସେ ବାରିପଦାର ଜଣେ ଦିବ୍ୟାଙ୍ଗଙ୍କଠାରୁ ଜମି କିଣାବିକାରେ ଠକିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ଏହା ପୂର୍ବରୁ ବିଭିନ୍ନ ଅର୍ଥଲଗାଣ ସଂସ୍ଥାର ଏଜେଣ୍ଟ ଭାବେ କାର୍ଯ୍ୟ କରି ବିବାଦୀୟ ଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି।

### ଆଜି କ'ଣ କେଉଁଠି

ବାଲେଶ୍ୱର

- କୃଷି ରଥ ଉଦ୍‌ଘାଟନୀ ଉତ୍ସବ। ସ୍ଥାନ: କୃଷି ବିଭାଗ ଅଫିସ୍, ସିମୁଳିଆ। ସମୟ: ପୂର୍ବାହ୍ନ ୧୦ଟା।

# ବାରିପଦାରେ ବଢ଼ୁଛି ଆପରାଧିକ ମାମଲା

■ପୁରୁଣା ପିସିଆର୍ ଭ୍ୟାନରେ କାମ ଚଳୁଛି

■ ଖୁଲମଖୁଲା ବୁଲୁଛନ୍ତି ଅପରାଧୀ

ବାରିପଦା ଅଫିସ,୧୧।୪

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା ସହରରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଛି। ଚୋରି,ଛିନତାଇ,ସାଇବର ଠକେଇ, ହତ୍ୟାକାଣ୍ଡ, ବଳାତ୍କାର ଆଦି ଘଟଣା ପ୍ରତିଦିନ ଘଟୁଛି। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହାନ ଚଳାଚଳରେ ଦୁର୍ଘଟଣା ଜନିତ ଆଇନଶୃଙ୍ଖଳା ବିଗିଡ଼ିବା ପରିସ୍ଥିତି ସୃଷ୍ଟି ହେଉଛି। ମାତ୍ର ପ୍ରତିକାର ମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅପରାଧ ନିୟନ୍ତ୍ରଣ ଓ ଅପରାଧିଙ୍କୁ ତତ୍‌କ୍ଷଣାତ ଧରିବାରେ ପୋଲିସ ବିଫଳ ହେଉଛି । ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଆବଶ୍ୟକ କର୍ମଚାରୀ ସାଙ୍ଗକୁ ପିସିଆର ଭ୍ୟାନ୍ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଏହି ସହର ଅପରାଧିଙ୍କ ପେଣ୍ଠସ୍ଥଳ ପାଲଟିବା ଆଶଙ୍କାକୁ ଏଡାଇ ଦେଇ ହେବନାହିଁ।

ବାରିପଦା ସହର ମଧ୍ୟରେ ଟାଉନ, ସଦର ଓ ଟ୍ରାଫିକ ଥାନା ରହିଛି। ୧୦କି.ମି. ପରିଧି ମଧ୍ୟରେ ବାରିପଦା ପୌରପାଳିକା ଅଧୀନରେ ରହିଛି ୨୮ଟି ୱାର୍ଡ଼ । ୨୬ଟି ବ୍ଲକର ଜନସାଧାରଣ ଜିଲା ମୁଖ୍ୟାଳୟକୁ ଆସୁଥିବା ବେଳେ ପ୍ରତିଦିନ ଧାରଣା ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥାଏ। ଆଇନଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ହାତରେ ଥିବା ଏକମାତ୍ର ପୁରୁଣା ପିସିଆର ଭ୍ୟାନ୍ ନିୟୋଜିତ ରହୁଥିବାରୁ ପାଟ୍ରୋଲିଂ ଓ ତତ୍‌କ୍ଷଣାତ ସେବା ସମ୍ପାଦନାରେ ବାଧା ସୃଷ୍ଟି ହେଉଛି। ୨୦୨୦-୨୧ବର୍ଷରେ ୧୨୮ଟି ଆଇନଶୃଙ୍ଖଳା ସ୍ଥିତି ପାଇଁ ପୋଲିସ ମୁତୟନ ରହିଥିବା ବେଳେ ୯୪୧ଟି ମାମଲା ରୁଜୁ ହୋଇଛି। ୨୦ଟି ଅବକାରୀ ମାମଲା, ୮ଟି ନିଶାଦ୍ରବ୍ୟ(ଏନଡ଼ିପିଏସ୍) ମାମଲା, ୩ଟି ଜୁଆଖେଳ ମାମଲା ଓ ୩୯ ୱାରେଣ୍ଟିଙ୍କୁ ଧରିବାରେ ଟାଉନ ପୋଲିସ ସଫଳ ହୋଇଛି। ସେହିପରି ୨୦୨୧-୨୨ରେ ଅଦ୍ୟାବଧି ୩୫୬ଟି ମାମଲା ରୁଜୁ ହୋଇଥିବା ବେଳେ ଅପରାଧିଙ୍କୁ ଧରିବା ପାଇଁ ସୁବ୍ୟବସ୍ଥା କରାଯାଉନାହିଁ। ସହରରେ ଘଟୁଥିବା ସଡ଼କ ଦୁର୍ଘଟଣା ପାଇଁ ଅତ୍ୟାଧୁନିକ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି।


ଟାଉନ ଥାନାରେ ଥିବା ପିସିଆର ଭ୍ୟାନ୍।

ଟ୍ରାଫିକ ଥାନାରେ ଅଧିକାରୀ ନ ଥିବା ବେଳେ ଟାଉନ ଥାନାଧିକାରୀ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଆବଶ୍ୟକ କର୍ମଚାରୀ ପଦବୀ ଫାଙ୍କା ପଡ଼ିଥିବାରୁ ସହରବାସୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ମାନସ କୁମାର ସେଠୀ, ବଳରାମ ଜେନା, ରଘୁନାଥ ଦାସ ପ୍ରକାଶ କରିଛନ୍ତି। କେବଳ ମାମଲା ରୁଜୁ କରି ପୋଲିସ ହାତବାନ୍ଧି ବସୁଥିବା ବେଳେ ଅପରାଧିମାନେ ଖୁଲମଖୋଲା ଅପରାଧ ଘଟାଇ ଚାଲିଛନ୍ତି। ପୂର୍ବରୁ ଅପରାଧ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ସେବା ଓ ପିସିଆର ବାଇକ୍ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲେ ହେଁ ତାହା ଏବେ ଅଚଳ ଅବସ୍ଥାରେ ପଡ଼ିରହିଛି । ଦ୍ରୁତ ସେବା ଯୋଗାଇବା ପାଇଁ ୬ଟି ପିସିଆର୍ ବାଇକ୍ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ ୩ଟି କାର୍ଯ୍ୟ କରୁଥିବା ବେଳେ ତାହା ଟ୍ରାଫିକ୍ ସେବା ନିୟନ୍ତ୍ରଣରେ ଲାଗିଛି। ସହରର ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ପାଟ୍ରୋଲିଂ ସେବା ଯୋଗାଇବା ପାଇଁ ବିଭାଗ ପକ୍ଷରୁ ଅଧିକ ପିସିଆର୍ ଭ୍ୟାନ ସେବା ପ୍ରଚଳନ କଲେ ଅପରାଧ ନିୟନ୍ତ୍ରଣ ସହଜ ହୋଇପାରନ୍ତା ବୋଲି ଚିନ୍ମୟ ମାଇତି, ପ୍ରବୀଣ ପଣ୍ଡା, ନରୋତ୍ତମ ନାଏକ ପ୍ରମୁଖ ଦାବି କରିଛନ୍ତି। ଏନେଇ ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦଙ୍କୁ ପଚାରିବାରୁ ଆବଶ୍ୟକ ପିସିଆର୍ ଭ୍ୟାନ୍ ଓ କର୍ମଚାରୀ ପାଇଁ ଆମେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ ଅପରାଧ ନିୟନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି।

## ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୧।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡିଠାରେ ଏକ ଚୋରା ଲୁହା ପଥର ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ବାମେବାରୀ ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଜୁରୁଡି ହାଟପଦାଠାରେ ଉନ୍ନତମାନର ଚୋରା ଲୁହା ପଥର ବୋଝେଇ ହେଉଥିବା ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଉକ୍ତ ଟ୍ରକ୍‌ରେ ପ୍ରାୟ ୨୦ ମେଟ୍ରିକ ଟନ ଚୋରା ଲୁହା ପଥର ବୋଝେଇ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର, ହେଲପର ଓ ଚୋରମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ। ଜବତ ହୋଇଥିବା ଲୁହା ପଥରର ଅନୁମାନିକ ବଜାର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ। ଗତ ମାସକ ମଧ୍ୟରେ ୧୨ରୁ ଅଧିକ ଥର ହେବ ଚୋରା ଟ୍ରକ୍‌କୁ ବନ ବିଭାଗ ଓ ପୋଲିସ ପ୍ରଶାସନ ଜବତ କରିଛି। ତଥାପି ଯୋଡା ଖଣି ଯୁଗ୍ମ ନିର୍ଦ୍ଦେଶାଳୟ ନୀରବ ଦ୍ରଷ୍ଟା ସାଜିଛି।

## ୨ ଲକ୍ଷ ନେଇ ବାପ ଘରକୁ ପଳାଇଲେ ବୋହୂ ଫାଣ୍ଡିର ଦ୍ୱାରସ୍ଥ ହେଲେ ଶ୍ୱଶୁର

**ସଜନାଗଡ,୧୧।୪:** ଶ୍ୱଶୁରଙ୍କ ୨ଲକ୍ଷ ଟଙ୍କା ନେଇ ବାପଘରକୁ ପଳାଇଯାଇଛନ୍ତି ବୋହୂ। ଏଭଳି ଅଭିଯୋଗ ଆଣିଛନ୍ତି ତାଙ୍କ ଶ୍ୱଶୁର। ନ୍ୟାୟ ପାଇଁ ସେ ଫାଣ୍ଡିର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଞ୍ଚଳରେ। ଝିଅ ବାହାଘର ପରେ ଧାର ଶୁଝିବାକୁ ଜମି ବିକ୍ରି କରି ଜଣେ ବ୍ୟକ୍ତି ବୋହୂଙ୍କୁ ୨ଲକ୍ଷ ଟଙ୍କା ରଖିବାକୁ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ପୂର୍ବାହ୍ନରେ ପରିବାର ଲୋକେ କାମ କରିବାକୁ ଯାଇଥିବା ବେଳେ ମେଡ଼ିସିନ୍ ଆଣିବାକୁ କହି ବୋହୂ ଉକ୍ତ ୨ଲକ୍ଷ ଟଙ୍କାକୁ ଧରି ପଳାଇଯାଇଥିବା ଅଭିଯୋଗ ହୋଇଛି। ଶ୍ୱଶୁର ଘରଲୋକ କାମରୁ ଫେରି ବୋହୂକୁ ଖୋଜି ନ ପାଇବାରୁ ଓ ଟଙ୍କା ଚୋରି ହୋଇଥିବା ଜାଣି ବୋହୂ ପାଖକୁ ଫୋନ୍ କରିଥିଲେ। ବୋହୂ ପାଲଟା ଗାଳିଗୁଲଜ କରିଥିବା ଶ୍ୱଶୁର ଅଭିଯୋଗ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ରୂପ୍‌ସା, ୧୧।୪(ଡି.ଏନ.ଏ.):** ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡାଙ୍ଗିରୀ ଗ୍ରାମର ଯୁବକ ଶଶୀଭୂଷଣ ସିଂ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପାରିବାରିକ କଳହକୁ କେନ୍ଦ୍ର କରି ଗତ ୩ତାରିଖରେ ସେ ବିଷପିଇ ଗୁରୁତର ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ହାଇଦର ଫେରାର ପରେ ଉତ୍ତର ଉପାନ୍ତ ସିଲ୍

**ଜଳେଶ୍ୱର,୧୧।୪(ଡି.ଏନ.ଏ.):** କଟକ ଏସ୍‌ସିବି ମେଡିକାଲ କଲେଜ ହସ୍‌ପିଟାଲରୁ ଦୁର୍ଦ୍ଧାନ୍ତ ଅପରାଧୀ ହାଇଦର ଫେରାର ହେବା ପରେ ରାଜ୍ୟ ପୋଲିସ୍‌ର ନିଜ ହଜିଯାଇଛି। ବାଲେଶ୍ୱର ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରବିବାରଠାରୁ ଆନ୍ତଃ ରାଜ୍ୟ ରାସ୍ତାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଲେଶ୍ୱର ଜିଲାରୁ ପଶ୍ଚିମ ମେଦିନୀପୁର ଜିଲାର ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ଲକ୍ଷ୍ମଣନାଥ ଟୋଲପ୍ଲାଜାଠାରେ ସଶସ୍ତ୍ର ପୋଲିସ୍ ମୁତୟନ ହୋଇଛନ୍ତି। ବାଲେଶ୍ୱର ଜିଲାରୁ ପୂର୍ବ ମେଦିନୀପୁର ଜିଲାକୁ ଯାତାୟାତ ଲାଗି ବହୁ ରାସ୍ତା ଥିବା ବେଳେ ପୋଲିସ୍ କେବଳ ୬୦ନଂ. ଜାତୀୟ ରାଜପଥରେ ଜଗି ରହିଛି। ଜଳେଶ୍ୱରରୁ ରାଇବଣିଆ ଦେଇ ପଶ୍ଚିମ ମେଦିନୀପୁରକୁ ଯିବା ଲାଗି ୩ଟି ରାସ୍ତା ଥିବାବେଳେ ତାହା ଏବେ ହୁଗୁଳା ପଡିଛି। ସେହିପରି ଜଳେଶ୍ୱରରୁ ଓଡିରୋଡ଼ ଦେଇ ଦାନ୍ତୁନ, ଜଳେଶ୍ୱର-ସୋଲପଟ୍ଟା ରାସ୍ତା ମଧ ଖୋଲା ରହିଛି । ହାଇଦର ପଶ୍ଚିମବଙ୍ଗକୁ ଖସିଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାରୁ ବାଲେଶ୍ୱର ଜିଲା ପୋଲିସ୍ ଅଧିକ ସକ୍ରିୟ ହୋଇପଡିଛି।

## ଢେଙ୍କିକୋଟରେ ୨୪ ପ୍ରହର ନାମଯଜ୍ଞ

**ଢେଙ୍କିକୋଟ, ୧୧।୪ (ଡି.ଏନ.ଏ):** ସର୍ବପୁରାତନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ତରଫରୁ ଗତ ୮ ତାରିଖଠାରୁ ଗ୍ରାମର ଯଜ୍ଞ ମଣ୍ଡପଠାରେ ୮୯ ତମ ବାର୍ଷିକ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି। ଏହି ନାମଯଜ୍ଞରେ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ବ୍ଲକର ବାଉଁଶଡ଼ିହା ସଂକୀର୍ତ୍ତନ ମଣ୍ଡଳୀ, ସାହାରପଡା ବ୍ଲକ ରାଇଡିହା ସଂକୀର୍ତ୍ତନ ମଣ୍ଡଳୀ, ସଦର ବ୍ଲକ ଝୁମ୍ପୁରା ଢ଼ିପାସହି ରାଇକଳା, ସାହାରପଡା ବ୍ଲକ କମାରମରା, ଘଟଗାଁ ବ୍ଲକ ଡଙ୍ଗୁଆପଶି, ଲଙ୍ଗଳକଣ୍ଟି ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପବିତ୍ର ହରିନାମ ଦୀର୍ଘ ୨୪ ପ୍ରହର ଅନବରତ ଗାନ କରି ଢେଙ୍କିକୋଟ ଆଖପାଖ ଅଞ୍ଚଳକୁ ପବିତ୍ର କରଛି। ଏହି ନାମଯଜ୍ଞ ଗ୍ରାମବାସୀଙ୍କ ତରଫରୁ କରାଯାଇଥିବା ବେଳେ କୋଭିଡ ଗାଇଡ୍‌ଲାଇନକୁ ମାନି କରାଯାଇଛି। ନାମଯଜ୍ଞରେ ସମାଜସେବୀ କୁଳମଣି ମଣ୍ଡଳ, ଅନାଦିଚରଣ ସିଂହ, ଦୈତାରି ନାୟକ, ଅବନୀ ମହାପାତ୍ର, ଅଲେଖ ଚନ୍ଦ୍ର ସିଂହ, ଧୁଳିଆ ମହାପାତ୍ର, ଜିତେନ୍ଦ୍ର ନାୟକ, ନବୀନ ନାୟକ ପ୍ରମୁଖ ମୁଖ୍ୟ ଭୂମିକାରେ ଅଂଶ ଗ୍ରହଣ କରିଥିବାବେଳେ ମହିଳା ସମାଜସେବୀ ଦୀପା ସିଂହ ଏବଂ ରୋଦନା ସିଂହ କାର୍ଯ୍ୟରେ ସହଯୋଗ କରିଛନ୍ତି।

## ହେଲପର ମୃତ, ଡ୍ରାଇଭର ଆହତ

### ଟ୍ରକ୍‌କୁ ପିଟିଲା ଟ୍ରକ୍

ରୂପ୍‌ସା, ୧୧।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଛକ ନିକଟରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ପଛପଟୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ହେଲପରଙ୍କ ମୃତ୍ୟୁ ହୋଇଛି। ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଏନେଇ ରବିବାର ପୋଲିସ ଏକ ମାମଲା (ନଂ. ୪୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନ. ଡବ୍ଲ୍ୟୁବି୩୭ଡି-୬୮୭୨)ମିରିଗିମୁଣ୍ଡିଠାରେ ଛିଡ଼ା ହୋଇ ଓଏଲ ଟ୍ୟାଙ୍କ ମରାମତି କରୁଥିଲା। ପଛପଟୁ ଆସୁଥିବା ଏକ ଟ୍ରକ୍ (ନଂ. ଓଆର୍‌୦୯ଏଫ୍-୧୫୩୧) ଭାରସାମ୍ୟ ହରାଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଛିଡ଼ା ହୋଇଥିବା ଟ୍ରକ୍ ହେଲପର ପଶ୍ଚିମବଙ୍ଗ ବୀରଭୂମି ଜିଲା ରାଜନଗର ଥାନା ନୂତନଗ୍ରାମର ସୁକୁମାର ଭାରତୀ (୪୫) ଓ ଧକ୍କା ଦେଇଥିବା ଟ୍ରକ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ହେଲପର ସୁକୁମାର ଭାରତୀଙ୍କର ମୃତ୍ୟୁ ହୋଇଥିଲା।

## ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

ହାଟଡିହୀ,୧୧।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତେନ୍ତୁଳିପଦିରୁ ମୋଟରାଗଡ଼ିଆ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ମରାମତି କାର୍ଯ୍ୟ ହେଉଥିଲା । କିନ୍ତୁ ଏଷ୍ଟିମେଟ ଅନୁସାରେ କାମ ହେଉ ନ ଥିବା, ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରି ଧରମପୁର ଗ୍ରାମର ଲୋକ ମାନେ ରାସ୍ତା କାର୍ଯ୍ୟକୁ ବନ୍ଦ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ନରହରି ବେହେରା, ଗୌରାଙ୍ଗ ବେହେରା, ଦୀନବନ୍ଧୁ ବେହେରା, ଗୋବିନ୍ଦ ବେହେରା, ଗୋପାଳ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଏକଜୁଟ ହୋଇ ଉକ୍ତ ମରାମତି କାର୍ଯ୍ୟକୁ ବନ୍ଦ କରିଥିଲେ। ଏସମ୍ପର୍କରେ ଯନ୍ତ୍ରୀ କ୍ଷୀରୋଦ ବେହେରାଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ମରାମତି କାର୍ଯ୍ୟ ଦିଗରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ସେବା ସମିତି କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ

ବାଲେଶ୍ୱର ଅଫିସ,୧୧।୪

ବାଲେଶ୍ୱର-ଭଦ୍ରକ ଜିଲା ସେବା ସମବାୟ ସମିତି କର୍ମଚାରୀ ସଂଘ ଏବଂ ପ୍ରଶାସନ ମଧ୍ୟରେ ରବିବାର ସଦ୍‌ଭାବନା ସଭାଗୃହରେ ଦ୍ୱିପାକ୍ଷିକ ଆଲୋଚନା ପରେ ସଂଘ ତରଫରୁ ଏପ୍ରିଲ ୧୯ ତାରିଖରେ ହେବାକୁ ଥିବା ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଦାବି ଉପରେ ଆଲୋଚନା କରି ସମବାୟ ସମିତିର ଅଧିକାରୀମାନଙ୍କୁ ମେ' ପ୍ରଥମ ସପ୍ତାହ ଶେଷ ସୁଦ୍ଧା ଦାବିପୂରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ଏଚ୍‌ଆର୍ ପଲିସି ୨୦୧୧ ଅନୁଯାୟୀ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ମାସିକ ଦରମା ପେ' ସ୍କେଲ ଅନୁଯାୟୀ ପ୍ରଦାନ, କାର୍ଯ୍ୟରତ ଡିଇଓମାନଙ୍କୁ 'ସ୍କିଲଡ୍ ରେଟିଂ'ରେ ଦୈନିକ ମଜୁରି ଦେବା, କାର୍ଯ୍ୟରତ ସମୟରେ କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ, ସମସ୍ତ କାର୍ଯ୍ୟରତ ରେଗୁଲାର କର୍ମଚାରୀଙ୍କର ସେବା ପୁସ୍ତିକା ଖୋଲିବା ଉପରେ ଦାବି କରି ଆସନ୍ତା ଏପ୍ରିଲ ୧୯ ତାରିଖରେ ଆନ୍ଦୋଳନ ପାଇଁ ସଂଘ ପକ୍ଷରୁ ଡାକରା ଦିଆଯାଇଥିଲା। ଜିଲାପାଳ ଏବଂ ବିଭାଗୀୟ ଅଧିକାରୀ ଏହାକୁ ବିଚାର କରି ସଂଘର ନେତୃତ୍ୱମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ଉପନିବନ୍ଧକ ପ୍ରଶାନ୍ତ କୁମାର ମହାନ୍ତି, ସହକାରୀ ନିବନ୍ଧକ ବାଲେଶ୍ୱରଙ୍କ ତରଫରୁ ଉପସହକାରୀ ନିବନ୍ଧକ ସୁଶାନ୍ତ କୁମାର ଦାସ, ଗୋପବନ୍ଧୁ ଦାସ, ବିକାଶ ଚନ୍ଦ୍ର ନାୟକ, ଊର୍ମିଳା ଦାସ, କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ମଢ଼େଇ, ସଞ୍ଜୟ ଦାସ, ଉପସଭାପତି କାଳିକିଙ୍କର ଦାସ, ସହସମ୍ପାଦକ ଗୌରାଙ୍ଗ ବିଶ୍ୱାଳ, ବରିଷ୍ଠ କାର୍ଯ୍ୟକାରୀ କମିଟି ସଭ୍ୟ ଜ୍ଞାନରଞ୍ଜନ ମିଶ୍ର, ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପରିଡ଼ା, ଗୋପୀନାଥ ମହାନ୍ତି, ଗଣେଶ ଦାସ, ବୃନ୍ଦାବନ ଭୋଳ ଓ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସମବାୟ ସମିତି କର୍ମଚାରୀ ସଂଘର ଜଣେ କର୍ମକର୍ତ୍ତାଙ୍କ ସହ ଜିଲାପାଳଙ୍କ ଆଲୋଚନା।

## ଗ୍ରାମ୍ୟ ଜଙ୍ଗଲରୁ ଗଛ କାଟିବାକୁ ନେଇ ବିବାଦ



ପାଟଣା,୧୧।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ମୂଷାଖରୀ ବିଟ୍ ଅନ୍ତର୍ଗତ ମଲ୍ଲୀପଶି ଗ୍ରାମ ଭାଲୁଘର ସାହି ଗ୍ରାମ୍ୟ ଜଙ୍ଗଲରୁ ଉଯୁକାଲି ପଟାସ ଗଛ କାଟିବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ରବିବାର ବନବିଭାଗ ପହଞ୍ଚି କଟା କଟାଯାଇଥିବା ଗଛ ଗୁଡିକୁ ଜବତ କରିଛି। ସୂଚନା ଅନୁଯାୟୀ ୧୯୯୫ ମସିହାରେ ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଗ୍ରାମବାସୀଙ୍କ ତରଫରୁ ବନୀକରଣ କରାଯାଇଥିଲା। ପାନୀୟ ଜଳଯୋଗାଣ ଯୋଜନା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଉଯୁକାଲି ପଟାସ ଗଛକୁ କାଟିବାର ଆବଶ୍ୟକତା ପଡିବାରୁ ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ସହମତି ନେଇ ରେଞ୍ଜ୍ କାର୍ଯ୍ୟାଳୟକୁ ପତ୍ର ଲେଖି ଗଛ କାଟିବା ପାଇଁ ଅନୁମତି ଅଣାଯାଇଥିଲା। ଏକ ଘରୋଇ କମ୍ପାନୀ ପକ୍ଷରୁ ପାଇପ ବିଛାଯିବା ପାଇଁ ସହମତିରେ ୨୫ଟି ଇଯୁକାଲି ପଟାସ ଗଛ କଟା ଯିବା ପରେ ୭ଟି ଛୋଟ ଗଛ ଭାଙ୍ଗିଯିବା ନେଇ କେତେକ ଲୋକ କାହିଁକି ଗଛ କଟା ଗଲା ବୋଲି ରେଞ୍ଜରଙ୍କୁ ଅଭିଯୋଗ କରିବାରୁ ରେଞ୍ଜର ପବିତ୍ର ମୋହନ ନାଏକ ରବିବାର ଗଛ ଗୁଡିକୁ ଜବତ କରିଥିବା କହିଛନ୍ତି। ତେବେ ସରପଞ୍ଚ ଭାମାମଣି ଦାସଙ୍କୁ ପଚାରିବାରୁ ଲୋକଙ୍କ ସ୍ୱାର୍ଥ ପାଇଁ ଗଛ କଟାଯାଇଛି। ଯଦି କିଛି ବିବାଦ ହୋଇଛି ଏକ ବୈଠକ ଡାକି ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ୨ ମୋବାଇଲ ଲୁଟେରା ଗିରଫ

ଭଦ୍ରକ ଅଫିସ, ୧୧।୪

ଭଦ୍ରକ ରେଲୱେ ପୋଲିସ ଦ୍ୱାରା ଧରାପଡ଼ିଛନ୍ତି ୨ ମୋବାଇଲ ଲୁଟେରା। ସେମାନଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପୁରୁଣାବଜାର ଅଞ୍ଚଳର ଜିତେନ୍ଦ୍ର ସିଂ ଓ ବରାଳପୋଖରୀର ରାଜେଶ ବେହେରା। ସେମାନଙ୍କଠାରୁ ୧୩ ମୋବାଇଲ ଜବତ ହୋଇଛି। ଶନିବାର ବିଳମ୍ବିତ ରାତିରେ ହାୱଡ଼ା-ଯଶବନ୍ତପୁର ଟ୍ରେନ୍‌ରୁ ସେମାନଙ୍କୁ ଭଦ୍ରକ ଜିଆରପି ଧରିଥିଲା। ଅଧିକ ତଦନ୍ତ ପାଇଁ ଆର୍‌ପିଏଫ୍‌ର ସହଯୋଗ ନେଇଥିଲା। ଜିଆର୍‌ପି ଓ ଆର୍‌ପିଏଫ୍‌ର ମିଳିତ ଉଦ୍ୟମରେ ଦୁଇ ଲୁଟେରାଙ୍କୁ ଧରାଯାଇଥିବା ଜିଆର୍‌ପି ଥାନାଧିକାରୀ ସନ୍ତୋଷ କୁମାର ବାହିନୀପତି ଓ ଆର୍‌ପିଏଫ୍ ପକ୍ଷରୁ ମହମ୍ମଦ ରହିମ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ୨ଟି ମାମଲା (ନଂ. ୫/୨୧ ଓ ୫୬/୨୧) ରୁଜୁ କରାଯାଇଛି।

## 'ମାନବ ସମାଜ ପାଇଁ ବିଜ୍ଞାନ ନିତାନ୍ତ ଜରୁରୀ'

ବାରିପଦା ଅଫିସ,୧୧।୪

ବୈଜ୍ଞାନିକ ମେଧା ଅନ୍ୱେଷା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଗବେଷଣା ନିମନ୍ତେ ଏକ ପୁସ୍ତକ କ୍ୱେଷ୍ଟ ଉନ୍ମୋଚିତ ହୋଇଯାଇଛି। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କିଶୋର କୁମାର ବସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶହିତ ଏବଂ ମାନବ ସମାଜର ମଙ୍ଗଳ ପାଇଁ ବିଜ୍ଞାନ ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟିଆର ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ନିଳାଦ୍ରୀ ରାୟ ଯୋଗଦେଇ ବିଜ୍ଞାନ କାରିଗରୀ ମାନବ କଲ୍ୟାଣରେ ବିନିଯୋଗ ବିଷୟକୁ ନେଇ ବିଶ୍ୱବିଦ୍ୟାଳୟର ଶିକ୍ଷା ନିବେଶିଙ୍କୁ ମାର୍ଗଦର୍ଶନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଆହ୍ୱାନର ଆବାହକ ସତ୍ୟଦୀପ୍ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଦ୍ମନାଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୟୁଏନ୍‌ଆଇସି ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ହାର୍ଟଫୁଲ୍‌ନେସ୍ ପ୍ରବନ୍ଧ ଏବଂ ଇଂରାଜୀ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମୋନାଲିସା ଦାଶ ଏବଂ ଶୁଭାଙ୍ଗୀ ରାଏଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବାରିପଦା କଲେଜର ଅଧ୍ୟକ୍ଷ ଡ. ତରୁଣ କୁମାର ଓଝା, ଅଧ୍ୟକ୍ଷା ସୁଶାନ୍ତି ପ୍ରଧାନ, ଅଧ୍ୟାପିକା ଡା. ଅନ୍ନପୂର୍ଣ୍ଣା ଧଳ, ଡ. ମନ୍ଦାକିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରମୁଣ୍ଡାରେ କାଳବୈଶାଖୀ

ଠାକୁରମୁଣ୍ଡା,୧୧।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ସାଲେଇବେଡ଼ା ପଞ୍ଚାୟତ ଅନ୍ତର୍ଗତ ଖଡ଼ିଦମକ ଗ୍ରାମରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ କେତେକ ଲୋକଙ୍କ ଘର ଛାଉଣୀ ଉଡ଼ିଯିବା ସହ ଗ୍ରାମରେ ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ରବିବାର ଅପରାହ୍ନ ୩.୩୦ସମୟରେ ବର୍ଷା ସହ ଖୁବ୍ ଜୋରରେ ପବନ ହେବାରୁ ଗ୍ରାମର ମଙ୍ଗଲ ସିଂ ସଏ, ଚିଲୁକା ହୋ, ବିଶ୍ୱନାଥ ଦାସଙ୍କ ଘରର ଛାଉଣୀ ଉଡ଼ିଯାଇଛି। ଏଥିସହିତ ଅନେକଗୁଡ଼ିଏ ଗଛ ଭାଙ୍ଗି ତଳେ ପଡ଼ିଥିବା ଦେଖିବାକୁ ମିଳିଛି।

## ରାସ୍ତା ଉନ୍ନତି ଓ ପ୍ରଶସ୍ତୀକରଣ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ

ବାଲେଶ୍ୱର ଅଫିସ, ୧୧।୪

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁରାଡ଼ିଆ ପଞ୍ଚାୟତର ରହିମପଡ଼ାଠାରେ ୮.୫କୋଟି ବ୍ୟୟରେ ହଳଦୀପଦାଠାରୁ ସୋଲପଟା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପଞ୍ଚାୟତ ସଭାପତି ଗୌରୀ ବାରିକ, ସଦର ବ୍ଲକ ଯୁବ ସଭାପତି ଦିଲ୍ଲୀପ ମହାନ୍ତି, ଶକ୍ତିପଦ ରାୟ, ପ୍ରଫୁଲ୍ଲ ବେହେରା ଏବଂ ଦଳର ସମସ୍ତ ନେତୃବୃନ୍ଦ ଉପସ୍ଥିତ ଥିଲେ।


ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ।

## ଶ୍ରୀରାମ ନବମୀ ପାଇଁ ଗୋମାତା, ସାଧୁସନ୍ଥ ପୂଜା

ଭଦ୍ରକ ଅଫିସ,୧୧।୪

ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଭଦ୍ରକ ବ୍ଲକ ଆର୍‌ଏନ୍ ବେତରାସ୍ଥିତ ରାମ ବଗିଚା ପରିସରରେ ଗୋମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର ୩୦ରୁ ଊର୍ଦ୍ଧ୍ୱ ସାଧୁ, ସନ୍ଥ, ସନ୍ୟାସୀ ଏବଂ ୨୫ରୁ ଊର୍ଦ୍ଧ୍ୱ ଗୋମାତାଙ୍କୁ ପୂଜା କରାଯାଇଥିଲା।

ପୂର୍ବାହ୍ନରେ ଗାନ୍ଧୀପଡ଼ିଆଠାରେ ଭୂମିପୂଜା ସରିବା ପରେ ସାଧୁସନ୍ଥଙ୍କୁ ସ୍ୱାଗତ କରି ବେତରାକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁ ସନ୍ଥମାନଙ୍କ ଦ୍ୱାରା ଗୋମାତାଙ୍କୁ ପୂଜା କରାଯାଇଥିଲା। ଉତ୍କୃଷ୍ଟ ଗୋମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସାଧୁ ସନ୍ଥମାନେ ବେତରା ଗାଁରେ ପହଞ୍ଚିବା ପରେ ମହିଳାମାନେ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ସଭାରେ ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋମାତାଙ୍କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ସମିତିର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ, ସଭାପତି ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର, ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଉପସଭାପତି ଅମ୍ବିକା ଦାସ, ଯୁଗ୍ମ ସମ୍ପାଦକ ତପନ ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଭଗବାନ ପଣ୍ଡା, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଡା. ପ୍ରଦୀପ ନାୟକ, ହେମନ୍ତ ପାଢ଼ୀ, ଜଗନ୍ନାଥ ଦାଶ, ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗୋମାତାଙ୍କୁ ପୂଜା କରାଯାଉଛି।

